# ଜୈବିକ ଗୁଣସମ୍ପର୍ଣ୍ଣ କନ୍ଦମୂଳ ଚାଷ

ଜୈବିକ ଗୁଣ ସମ୍ପର୍ଣ୍ଣ କନ୍ଦମୂଳ ବିଟାକ୍ୟାରୋଟିନ, ଏନ୍ଥୋସିଆନିନ, ଭିଟାମିନ୍- 'ସି' ଏବଂ ମ୍ୟାଗ୍ନେସିୟମ ପରି ଖାଦ୍ୟସାର ଏବଂ ପୁଷ୍ଟିସାରରେ ଭରପୁର ଅଛି। ଏହା ଶିଶୁ ଏବଂ ଗର୍ଭବତୀ ମହିଳାମାନଙ୍କର ରକ୍ତହୀନତା ଦୂର କରିଥାଏ। କୋବିଡ୍-୧୯ ପରି ମହାମାରୀର ପ୍ରତିରୋଧ କରିବା ପାଇଁ ଚିକିତ୍ସା ବିଶେଷଜ୍ଞ ଏବଂ ପୋଷଣ ବିଶେଷଜ୍ଞମାନେ ଅତ୍ୟଧିକ ପୋଷଣଯୁକ୍ତ ଖାଦ୍ୟ ଗ୍ରହଣ କରିବାକୁ ପରାମର୍ଶ ଦେଉଛନ୍ତି। କନ୍ଦମୂଳରେ ଥିବା ବିଟାକ୍ୟାରୋଟିନ, ଏନ୍ଥୋସିଆନିନ ଖାଦ୍ୟସାର ଯୋଗୁ ଏହା ଏକ ଉପଯୁକ୍ତ ଆଣ୍ଟି ଇନଫ୍ଲମେଟୋରୀ ଗୁଣଯୁକ୍ତ କନ୍ଦରୂପେ ପ୍ରମାଣିତ ହୋଇଅଛି। ଏନ୍ଥୋସିଆନିନ ଅଧିକ ପରିମାଣରେ ରହିଥିବାରୁ ଏବଂ ଏହା ପ୍ରଜନନକ୍ଷମ ନ ହୋଇଥିବାରୁ କ୍ୟାନ୍‌ସର ପ୍ରତିରୋଧକରେ ସାହାଯ୍ୟ କରେ। ଏହା ଶରୀରର ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇ ଥାଏ। ଏହାର ଡାଏଟାରୀ ଫାଇବର ଅଧିକ ଥିବାରୁ ଶରୀରର ହଜମ ଶକ୍ତି ବଢ଼ାଇଥାଏ ଏବଂ ଅଲ୍‌ସର ଏବଂ କୋଲନ୍ କ୍ୟାନ୍‌ସର ଭଳି ମାରାତ୍ମକ ରୋଗରୁ ରକ୍ଷା କରିଥାଏ। ଏହାର କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ଗୁଣ ଯୋଗୁ ମଧୁମେହ ରୋଗୀମାନଙ୍କ ପାଇଁ ମଧ ଉପଯୁକ୍ତ ଖାଦ୍ୟ ହୋଇପାରିଛି। ଶରୀରର କୋଲେଷ୍ଟରଲ ବା ଚର୍ବିଜାତ ରୋଗ ନିୟନ୍ତ୍ରଣ କ୍ଷେତ୍ରରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶରୀରର ଜଳୀୟ ଅଂଶକୁ ଏହା ଉତ୍ତମରୂପେ ରକ୍ଷଣାବେକ୍ଷଣ କରିବା ସହିତ ଶରୀରର କୋଷମାନଙ୍କୁ କାମ କରିବାକୁ ଶକ୍ତି ଯୋଗାଇଥାଏ। ପ୍ରଗତିଶୀଳ ଦେଶମାନଙ୍କରେ ଭିଟାମିନ- 'ଏ' ଅଭାବ ଏକ ମୁଖ୍ୟ ସମସ୍ୟାଭାବେ ଦେଖାଦେଇଥିବା ବେଳେ କନ୍ଦମୂଳକୁ ଏହାର ପ୍ରତିକାର ପାଇଁ ଏକ ଉତ୍ତମ ଜୈବିକ ଖାଦ୍ୟରୂପେ ଗ୍ରହଣ କରାଯାଇଛି। କନ୍ଦମୂଳରେ ଥିବା ବିଟାକ୍ୟାରୋଟିନରୁ ଭିଟାମିନ୍-'ଏ'ର ଉତ୍ପନ୍ନ ହୋଇଥାଏ। ତେଣୁ ଭିଟାମିନ୍- 'ଏ' ପାଇଁ କନ୍ଦମୂଳ ଏକ ଉତ୍ତମ ଖାଦ୍ୟ ପୋଷକ। ୧୦୦ ରୁ ୧୫୦ ଗ୍ରାମ୍ ଶିଝା ହୋଇଥିବା ଭୂ-ସୋନା କିସମର କନ୍ଦମୂଳ ଖାଇଲେ ଶରୀର ପାଇଁ ପ୍ରତିଦିନ ଆବଶ୍ୟକ ହେଉଥିବା ଭିଟାମିନ୍ 'ଏ'ର ଆବଶ୍ୟକତା ପୂରଣ ହୋଇପାରିବ ଓ ପିଲାମାନଙ୍କ ଠାରେ ଦେଖା ଦେଉଥିବା ଅନ୍ଧତ୍ୱକୁ ଦୂର କରିବାରେ ସାହାଯ୍ୟ କରିପାରିବ।

## ଜଳବାୟୁ ଓ ମୃତ୍ତିକା:

କନ୍ଦମୂଳ ଉଭୟ ଗ୍ରୀଷ୍ମ ମଣ୍ଡଳୀୟ ଏବଂ ଉପ-ଗ୍ରୀଷ୍ମ ମଣ୍ଡଳୀୟ ଅଞ୍ଚଳରେ ଚାଷ କରାଯାଏ। ଏହା ଉପକୂଳବର୍ତ୍ତୀ ସମତଳ ଜମିଠାରୁ ଆରମ୍ଭ କରି ୧୦୦ ମି. ଉଚ୍ଚତା ପାହାଡ଼ିଆ ଅଞ୍ଚଳରେ ଚାଷ କରାଯାଇପାରେ। ଦିନବେଳା ଉତ୍ତାପ ୨୪୦ ସେଲ୍‌ସିୟସ୍ ବା ତଦୁର୍ଦ୍ଧ୍ୱ, ପ୍ରଚୁର ସୂର୍ଯ୍ୟକିରଣ ଏବଂ ଶୀତୁଆ ରାତି ପାଇଲେ କନ୍ଦମୂଳ ଫସଲ ଭଲ ହୋଇଥାଏ। କନ୍ଦମୂଳ ଫସଲ ପାଇଁ ହାରାହାରି ୫୦୦ ମି.ମି. ବୃଷ୍ଟିଜଳ ସମାନୁପାତଭାବରେ ଆବଶ୍ୟକ। ଅତ୍ୟଧିକ ବର୍ଷା, ଛାଇ ବରଫପାତ କନ୍ଦମୂଳ ଫସଲର ଅନେକ କ୍ଷତି କରିଥାଏ। ନିଗିଡ଼ା, ଦୋରସା, ବାଲିଆ, ମଟାଳ ମାଟି କନ୍ଦମୂଳ ପାଇଁ ଉତ୍କୃଷ୍ଟ। ୫.୦ରୁ ୬.୫ ପି.ଏଚ୍. ଥିବା ମାଟିରେ କନ୍ଦମୂଳ ଭଲ ବଢ଼ିଥାଏ। ସନ୍ତସନ୍ତିଆ ବା ପାଣି ଜମୁଥିବା ମାଟିରେ କନ୍ଦମୂଳ ଚାଷ କରିବା ଅନୁଚିତ୍।

## ଫସଲ ଲଗାଇବା ସମୟ:

ଅଣଜଳସେଚିତ ବର୍ଷାଦିନିଆ ଫସଲ ଲଗାଇବା ପାଇଁ ଜୁଲାଇରୁ ଅଗଷ୍ଟ ମାସ ଏବଂ ଜଳସେଚିତ ରବି ଫସଲ ପାଇଁ ଅକ୍ଟୋବରରୁ ଡିସେମ୍ବର ମାସ ଉପଯୁକ୍ତ ସମୟ। ଜଳସେଚନ ସୁବିଧା ଥିବା ଉପକୂଳବର୍ତ୍ତୀ ଅଞ୍ଚଳରେ ଡିସେମ୍ବରରୁ ଫେବୃୟାରୀ ମାସରେ ମଧ କନ୍ଦମୂଳ ଲଗାଯାଇ ପାରିବ।

## ପୁଷ୍ଟିକର କନ୍ଦମୂଳ କିସମ:



**ଭୂ-କ୍ରିଷ୍ଣା:** ଉଭୟ ଖରିଫ୍ ଓ ରବି ଋତୁ ପାଇଁ ଉପଯୁକ୍ତ ଅଟେ। କନ୍ଦର ଚୋପା ଗାଢ଼ ନାରଙ୍ଗୀ ହୋଇଥିଲା ବେଳେ ଶସ ମଧ ନାରଙ୍ଗୀ ରଙ୍ଗ ହୋଇଥାଏ। ୧୦୫ରୁ ୧୧୦ ଦିନ ମଧ୍ୟରେ ହେକ୍ଟର ପ୍ରତି ୨୨୦ରୁ ୨୫୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଅମଳ ହୋଇଥାଏ। ପ୍ରତି ୧୦୦ ଗ୍ରାମ୍ କନ୍ଦରେ ପ୍ରାୟ ୮୫ରୁ ୯୦ ଏମ୍.ଜି. ଆନ୍ଥୋସିଇନିନ୍ ନାମକ ଆଣ୍ଟିଅକ୍ସିଡାଣ୍ଟ ଥାଏ।



**ଭୂ-ସୋନା:** ଉଭୟ ଖରିଫ୍ ଓ ରବି ଋତୁ ପାଇଁ ଉପଯୁକ୍ତ। ଉଭୟ ଚୋପା ଓ ଶସ କମଳା ରଙ୍ଗ। ୧୧୦ରୁ ୧୨୦ ଦିନରେ ଅମଳହୁଏ। ହେକ୍ଟର ପ୍ରତି ୨୦୦ରୁ ୨୫୦ କ୍ୱିଣ୍ଟାଲ ଅମଳ ଦିଏ। ପ୍ରତି ୧୦୦ ଗ୍ରା କନ୍ଦରେ ପ୍ରାୟ ୧୨.୫ରୁ ୧୪.୦ ଏମ୍.ଜି. ବିଟାକ୍ୟାରୋଟିନ୍ ଥାଏ।



**ଭୂ-କାନ୍ତି:** ଉଭୟ ଖରିଫ୍ ଓ ରବି ଫସଲ ପାଇଁ ଉପଯୁକ୍ତ। ଚୋପା ଧଳା ଓ ଶସ କମଳା ରଙ୍ଗ। ୧୧୦ରୁ ୧୨୦ ଦିନ ମଧ୍ୟରେ ହେକ୍ଟର ପ୍ରତି ୨୦୦ରୁ ୨୩୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଅମଳ ହୋଇଥାଏ। ପ୍ରତି ୧୦୦ ଗ୍ରାମ୍ କନ୍ଦମୂଳରେ ପ୍ରାୟ ୬.୨ ରୁ ୭.୬ ଏମ୍.ଜି. ପର୍ଯ୍ୟନ୍ତ ବିଟାକ୍ୟାରୋଟିନ୍ ଥାଏ।



**ଗୌରୀ:** ଉଭୟ ଖରିଫ୍ ଓ ରବି ଫସଲ ପାଇଁ ଉପଯୁକ୍ତ। ଚୋପା ଇଷତ୍ ଲାଲ୍ ଓ ଶସ କମଳା ରଙ୍ଗ। ୧୧୦ରୁ ୧୨୦ ଦିନ ମଧ୍ୟରେ ହେକ୍ଟର ପ୍ରତି ୧୫୦ରୁ ୧୯୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଅମଳ ହୋଇଥାଏ। ପ୍ରତି ୧୦୦ ଗ୍ରାମ୍ କନ୍ଦମୂଳରେ ପ୍ରାୟ ୪.୫ ରୁ ୫.୫ ଏମ୍.ଜି. ପର୍ଯ୍ୟନ୍ତ ବିଟାକ୍ୟାରୋଟିନ୍ ଥାଏ।



**ଭୂ-ଜା:** ଉଭୟ ଖରିଫ୍ ଓ ରବି ଋତୁ ପାଇଁ ଉପଯୁକ୍ତ ଫସଲ। ଚୋପା ଲାଲ୍ ଏବଂ ଶସ ମଧ କମଳା ରଙ୍ଗ ହୋଇଥାଏ। ୧୦୦ରୁ ୧୨୦ ଦିନରେ ହେକ୍ଟର ପ୍ରତି ୨୦୦ରୁ ୨୨୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଅମଳ ହୋଇଥାଏ। ପ୍ରତି ୧୦୦ ଗ୍ରାମ୍ କନ୍ଦମୂଳରେ ପ୍ରାୟ ୫.୫ ରୁ ୬.୫ ଏମ୍.ଜି. ପର୍ଯ୍ୟନ୍ତ ବିଟାକ୍ୟାରୋଟିନ୍ ଥାଏ।

## ବିହନ:



କନ୍ଦମୂଳ ଡଙ୍କକୁ ବିହନରୂପେ ବ୍ୟବହାର କରାଯାଏ। ହେକ୍ଟର ପ୍ରତି ୫୬୦୦୦ ଖଣ୍ଡ ୨୦ରୁ ୨୫ ସେମି ଲମ୍ବର ଡଙ୍କ ଦରକାର। ଏଥିପାଇଁ ପ୍ରାଥମିକ ତଳିଘେରା ପରେ ଦ୍ୱିତୀୟ ତଳିଘେରା କରି ମୁଖ୍ୟ ଜମିରେ ଲଗାଯାଇଥାଏ। ପ୍ରାଥମିକ ତଳିଘେରା ପାଇଁ ୧୦୦ ବର୍ଗମିଟର ଏବଂ ଦ୍ୱିତୀୟ ତଳିଘେରା ପାଇଁ ୫୦୦ ବର୍ଗ.ମି. ଜମି ଦରକାର ପଡ଼ିଥାଏ।ଅଧିକ ଖତ ବା ସଢ଼ାଗୋବର ଦେଇ ଜମିକୁ ଭଲରେ ଚାଷ କରି ହୁଡ଼ା କରି ଡଙ୍କ କିମ୍ବା କନ୍ଦ ଲଗାଯାଇଥାଏ। ଗଛ ୧୫ଦିନର ହୋଇଗଲେ ୧ କିଗ୍ରା ଯବକ୍ଷାରଯାନ ସାର (ୟୁରିଆ) ଦେଇ ଗଛ ୪୫ ଦିନର ହୋଇଗଲେ ଡଙ୍କଗୁଡ଼ିକୁ ଦ୍ୱିତୀୟ ତଳିଘେରାକୁ ସ୍ଥାନାନ୍ତରଣ କରାଯାଏ ଏବଂ ୪୫ ଦିନ ପରେ ୧ ହେକ୍ଟର ଜମି ପାଇଁ ଯଥେଷ୍ଟ ହୋଇଥାଏ। ଏଗୁଡ଼ିକୁ ବିଶୋଧନ କରି ୨୦-୨୫ ସେମି ଖଣ୍ଡ କରି ମୁଖ୍ୟ ଜମିରେ ଲଗାଯାଇଥାଏ।

## ଜମି ପ୍ରସ୍ତୁତ ଓ ଲଗାଇବା ପ୍ରଣାଳୀ:



ଜମିକୁ ୨ରୁ ୩ ଓଡ଼ ଗଭୀର ଚାଷ କରନ୍ତୁ। ଶେଷ ଓଡ଼ ଚାଷ ବେଳେ ହେକ୍ଟର ପ୍ରତି ୫-୧୦ ଟନ୍ ସଢ଼ା ଗୋବର ଖତ ଭଲଭାବେ ମିଶାଇ ଦିଅନ୍ତୁ। ମଇ ଦେଇ ମାଟି ଗୁଣ୍ଡ କରି, ଜମି ସମତଳ କରନ୍ତୁ। ହୁଡ଼ାରୁ ହୁଡ଼ା ୩ ଫୁଟ୍ ବ୍ୟବଧାନରେ ଓ ଚଉଡ଼ା ୨ ଫୁଟ୍ ଏବଂ ୧.୫ ଫୁଟ ଉଚ୍ଚତାରେ ହୁଡ଼ା ଟେକନ୍ତୁ। ପୂର୍ବରୁ ବିଶୋଧିତ ହୋଇଥିବା ବିହନ ଡଙ୍କ, ଡଙ୍କକୁ ଡଙ୍କ ୨୦ ସେମି ବ୍ୟବଧାନରେ ଏପରି ପୋତନ୍ତୁ ଯେପରି ଡଙ୍କର ଗୋଟିଏ ବା ଦୁଇଟି ଗଣ୍ଠି ମାଟି ଉପରେ ରହିବ ଏବଂ ଅବଶିଷ୍ଟ ଅଂଶ ମାଟି ଭିତରକୁ ରହିବ।

## ଖାଦ୍ୟ ଓ ସାର:

ମାଟି ପରୀକ୍ଷା କରି ମାଟିର ଉର୍ବରତା ଅନୁସାରେ ଖତ ଓ ସାର ପ୍ରୟୋଗ କରିବା ଆବଶ୍ୟକ। ୧୮ ଟନ୍ କନ୍ଦମୂଳ ମିଳୁଥିବା ଏକ ହେକ୍ଟର ଫସଲ ପାଇଁ ୪୧ କିଗ୍ରା ଯବକ୍ଷାରଯାନ, ୧୪ କିଗ୍ରା ଫସ୍‌ଫରସ୍ ଏବଂ ୬୮ କିଗ୍ରା ପଟାସ୍ ସାର ମାଟିରୁ ଗ୍ରହଣ କରିଥାଏ। ଉପଯୁକ୍ତ ଅମଳ ପାଇଁ ହେକ୍ଟର ପ୍ରତି ୫୦-୭୫ କିଗ୍ରା ଯବକ୍ଷାରଯାନ, ୨୫-୫୦ କିଗ୍ରା ଫସ୍‌ଫରସ୍ ଏବଂ ୫୦-୭୫ କିଗ୍ରା ପଟାସ୍ ସାର ପ୍ରୟୋଗ କରିବା ଉଚିତ୍।

ହିଡ଼ ଟେକିବା ପୂର୍ବରୁ ଏକ ତୃତୀୟାଂଶ ପଟାସ୍ ସାରକୁ ଶେଷ ଓଡ଼ ଚାଷରେ ମାଟି ସହିତ ମିଶାଇ ଦିଅନ୍ତୁ। ବାକି ସାରକୁ ଅଧାକରି ୩୦ ଏବଂ ୫୦ ଦିନରେ ପ୍ରୟୋଗ କରନ୍ତୁ। ସିଆରରେ ସାର ପ୍ରୟୋଗ କରି ହୁଡ଼ାକୁ ମାଟି ଟେକିଲେ ଅଧିକ ଫଳପ୍ରଦ। ସାଧାରଣତଃ ଲୁଣି କଷିଆ ମାଟିରେ ବୋରନ୍ ନାମକ ଅଣୁସାର ଅଭାବ ଦେଖାଯାଇଥାଏ। ଏହି ସାର ଅଭାବ ହେଲେ କନ୍ଦ ଫାଟିବା ସାଙ୍ଗକୁ କନ୍ଦ ଅମଳରେ ମଧ୍ୟ ବାଧାପ୍ରାପ୍ତ ହୋଇଥାଏ। ସମୟେ ସମୟେ ବୋରନ୍ ଅଭାବରୁ ପେନ୍‌ସିଲ୍ ପରି ଖାଲି ଚେର ମଧ୍ୟ ବାହାରି ଥାଏ।

## ପରବର୍ତ୍ତୀ ଯତ୍ନ:

କନ୍ଦମୂଳ ଫସଲକୁ ପ୍ରଥମ ଦେଢ଼ମାସ ଅନାବନା ଘାସ କବଳରୁ ମୁକ୍ତ କରିବା ଆବଶ୍ୟକ। ଫସଲ ୨୫-୩୦ ଦିନ ହୋଇଗଲେ କୋଡ଼ାଖୁସା କରି ଅନାବନା ଘାସ ବାଛିବା ଆବଶ୍ୟକ। ଆବଶ୍ୟକସ୍ଥଳେ ଏହାର ୧୫ ଦିନ ପରେ ପୁଣି ଥରେ କୋଡ଼ାଖୁସାକରି ଘାସବାଛି ସାର ପ୍ରୟୋଗ କରି ହୁଡ଼ାକୁ ମାଟି ଟେକନ୍ତୁ। ୪୫ ଦିନ ପରେ କନ୍ଦମୂଳ ଫସଲରେ ଡଙ୍କକୁ ଏପଟ ସେପଟ କଲେ ଏହାର ଅମଳ ଉପରେ ସିଧାସଳଖ ପ୍ରଭାବ ପଡ଼େ।

## ଜଳସେଚନ:

ବିହନ ଡଙ୍କରୁ ଚେର ବାହାରିବା ଲଟା ମାଡ଼ିବା ପାଇଁ ପ୍ରଥମ ମାସ ମାଟିରେ ବତର ରହିବା ନିତ୍ୟାନ୍ତ ଆବଶ୍ୟକ। ଜଳସେଚିତ ରବି ଫସଲରେ ବିହନ ଡଙ୍କ ରୋପଣ ପରେ ହାଲୁକା ପାଣି ମଡ଼ାଇବା ଜରୁରୀ। ମାଟିର ବତର ଦେଖି ପ୍ରଥମ ଦେଢ଼ମାସ ନିୟମିତ ଜଳସେଚନ କରନ୍ତୁ। ଏହାପରେ ମାଟିର ଜଳଧାରଣ ଶକ୍ତି ଅନୁସାରେ ୧୦-୧୫ ଦିନ ବ୍ୟବଧାନରେ ୨-୩ ଥର ଜଳସେଚନ ଆବଶ୍ୟକ ହୋଇଥାଏ। କନ୍ଦମୂଳ ଫସଲରେ ପାଣି ଜମି ରହିବାକୁ ଦିଅନ୍ତୁନାହିଁ।

## ରୋଗ ଓ ପୋକ:

ଶୁଣ୍ଢି ବା ଘୂଣି ପୋକ କନ୍ଦମୂଳ ଫସଲର ପ୍ରଧାନ ଶତ୍ରୁ। ଏହି ପୋକ ଶତକଡ଼ା ୨୫ରୁ ୯୦ ଭାଗ ଅମଳ କମାଇଦିଏ। କେତେକ କ୍ଷେତ୍ରରେ ଫସଲ ପୁରାପୁରି ନଷ୍ଟ ହୋଇଯାଏ। ଘୂଣିପୋକ ଦ୍ୱାରା ଆକ୍ରାନ୍ତ କନ୍ଦମୂଳ ଖାଇବାକୁ ପିତା ଲାଗେ ଏବଂ ଖାଦ୍ୟ ପାଇଁ ସମ୍ପୂର୍ଣ୍ଣ ଅନୁପଯୋଗୀ ଅଟେ।

## ଘୂଣିପୋକ ନିୟନ୍ତ୍ରଣ:

- ଗୋଟିଏ ଜମିରେ ବାରମ୍ବାର କନ୍ଦମୂଳ ଚାଷ କରନ୍ତୁ ନାହିଁ।
- ଖରାଟିଆ ଗଭୀର ଚାଷ କରନ୍ତୁ।
- ଫସଲ ଲଗାଇବା ପୂର୍ବରୁ ଜମିରୁ ପୂର୍ବଫସଲର ଅବଶେଷ ଏବଂ ଅନାବନାଘାସ ବାହାର କରିଦିଅନ୍ତୁ।
- ଘୂଣିପୋକ ଦ୍ୱାରା ଆକ୍ରାନ୍ତ ହୋଇ ନଥିବା ଆଗ ଡଙ୍କକୁ ବିହନଭାବେ ବ୍ୟବହାର କରନ୍ତୁ।
- ବିହନ ଡଙ୍କ ଲଗାଇବା ପୂର୍ବରୁ ଶତକଡ଼ା ୦.୦୫ ଭାଗ କ୍ଲୋରପାଇରିଫସ୍ କୀଟନାଶକ ଔଷଧ ଦ୍ରବଣରେ ୧୦ ମିନିଟ୍ ବୁଡ଼ାଇ ବିଶୋଧନ କରନ୍ତୁ।
- ହେକ୍ଟର ପ୍ରତି ୮-୧୦ କିଗ୍ରା କ୍ଲୋରପାଇରିଫସ୍ ଗୁଣ୍ଡକୁ ୧୦ କିଗ୍ରା ବାଲି ମିଶାଇ ହୁଡ଼ା ଟେକିବା ସମୟରେ (୪୫ ଦିନରେ) ପ୍ରୟୋଗ କରନ୍ତୁ। ଏହା ପ୍ରୟୋଗ କଲେ ଲାଲ୍ ଉଈ କିମ୍ବା ଘୂଣିପୋକ ଆକ୍ରମଣ କମ୍ ହୋଇଥାଏ।
- ୩୦ ଏବଂ ୪୫ ଦିନ ମଧ୍ୟରେ କୋଡ଼ାଖୁସା କରି ହିଡ଼କୁ ମାଟି ଟେକନ୍ତୁ।
- ଆବଶ୍ୟକସ୍ଥଳେ ଜଳସେଚନ କରି ମାଟିରେ ବତର ବଜାୟ ରଖନ୍ତୁ। ଘୂଣି ପୋକ ଫସଲରେ ଦେଖାଦେବା ମାତ୍ରେ ଶତକଡ଼ା ୦.୦୫ଭାଗ କ୍ଲୋରପାଇରିଫସ୍ ୧୫ ଦିନ ବ୍ୟବଧାନରେ ୨ଥର ସିଞ୍ଚନ କରନ୍ତୁ।
- ଫସଲ ସଅଳ ଅମଳ କରନ୍ତୁ।
- ଫସଲ ଅମଳ ପରେ ଘୂଣି ପୋକ ଦ୍ୱାରା ଆକ୍ରାନ୍ତ କନ୍ଦମୂଳ ଏବଂ ଡଙ୍କ ଗୁଡ଼ିକୁ ଏକାଠି କରି ନିଆଁରେ ପୋଡ଼ି ଦିଅନ୍ତୁ। ଘୂଣି ପୋକ ବ୍ୟତୀତ କନ୍ଦମୂଳ ଫସଲରେ କାଣ୍ଡସଢ଼ା ଏବଂ ପତ୍ରଦାଗ ରୋଗ ହୋଇଥାଏ। ଏହାଦ୍ୱାରା ଫସଲ ବିଶେଷ ଆକ୍ରାନ୍ତ ହେଲେ ଆବଶ୍ୟକସ୍ଥଳେ ୧୦ ଲିଟର ପାଣିରେ ୨୦ଗ୍ରାମ୍ ସାଫ୍ ମିଶାଇ ୧୫ ଦିନ ବ୍ୟବଧାନରେ ୨ଥର ସିଞ୍ଚନ କରନ୍ତୁ।

## ଅମଳ ଓ ପରବର୍ତ୍ତୀ ଯତ୍ନ:

କନ୍ଦମୂଳ କିସମ ଅନୁସାରେ ୧୦୦ରୁ ୧୨୦ ଦିନରେ ଅମଳ ହୁଏ। ଘୂଣି ପୋକ ଦ୍ୱାରା ଆକ୍ରାନ୍ତ ଫସଲ ସଅଳ ଅମଳ କରିଦେବା ଉଚିତ୍। ଫାଉଡ଼ା ବା ଦେଶୀ ଲଙ୍ଗଳରେ କନ୍ଦମୂଳ ତାଡ଼ନ୍ତୁ ଯେପରି କନ୍ଦମୂଳ କଟି ନଷ୍ଟ ନହେବ। ଖଣ୍ଡିଆ ବା ପୋକଡ଼ା କନ୍ଦମୂଳ ବାଛି ଅଲଗା କରିଦିଅନ୍ତୁ। ଭଲ କନ୍ଦମୂଳଗୁଡ଼ିକୁ ପବନ ଯାତାୟତ ହେଉଥିବା ଘର ଚଟାଣରେ ଏକ ସପ୍ତାହ ଖେଳାଇକରି ରଖନ୍ତୁ। ସଦ୍ୟ ଅମଳ ହୋଇଥିବା କନ୍ଦମୂଳରୁ ଜଳୀୟ ଅଂଶ କମି ଚୋପା ଶକ୍ତ ହୋଇ ଆସିଲେ କନ୍ଦମୂଳକୁ ଶୀଘ୍ର ବିକ୍ରୀ କରିଦେବା ଦରକାର। ବିକ୍ରୀ ନହେଲେ କାଟି ପାଉଡ଼ର କରି ଡିବା ବନ୍ଦକରି ବ୍ୟବହାର କରିପାରିବେ। ଏକ ହେକ୍ଟର କନ୍ଦମୂଳ ଫସଲ ପାଇଁ ୫୦ରୁ ୬୦ ହଜାର ଟଙ୍କା ଖର୍ଚ୍ଚ ହୁଏ ଏବଂ ଖର୍ଚ୍ଚ ଯାଇ ୧ ଲକ୍ଷରୁ ୧ ଲକ୍ଷ ୧୦ହଜାର ଟଙ୍କା ଲାଭ ମିଳିଥାଏ।




**ଲେଖକ:**

ଏମ୍.ନେଡୁନ୍‌ଚେଜିୟାନ୍

ପି.ଏସ୍.ଶିବକୁମାର, କେ.ଏଚ୍.ଗୌଡ଼, ସନ୍ଦିପ ପଣ୍ଡା

ଚନ୍ଦନ ଗୋସ୍ୱାମୀ, ସୁଶାନ୍ତ କୁମାର ଜଟ

**ଅଧିକ ତଥା ସଂପୂର୍ଣ୍ଣ ବିବରଣୀ ପାଇଁ ଯୋଗାଯୋଗ**

ଆଞ୍ଚଳିକ କେନ୍ଦ୍ରୀୟ କନ୍ଦ ଫସଲ ଅନୁସନ୍ଧାନ ସଂସ୍ଥା, ଭାରତୀୟ କୃଷି ଅନୁସନ୍ଧାନ ପରିଷଦ

ଡୁମୁଡୁମା, ଭୁବନେଶ୍ୱର-୭୫୧୦୧୯, ଦୂରଭାଷ: ୦୬୭୪-୨୪୭୦୮୨୮/ ୨୪୭୨୫୫୮



Printed at: Ankita Graphics, Cell: 9437077337



Technical Folder: TF-17/2025/Rainbow Diet


# ଜୈବିକ ଗୁଣସମ୍ପୂର୍ଣ୍ଣ କନ୍ଦମୂଳ ଚାଷ




ଆଞ୍ଚଳିକ କେନ୍ଦ୍ର,

ଭା.କୃ.ଅନୁ.ପ.-କନ୍ଦଫସଲ ଅନୁସଂଧାନ ସଂସ୍ଥା

ଡୁମୁଡୁମା ହାଉସିଂବୋର୍ଡ, ଭୁବନେଶ୍ୱର-୭୫୧୦୧୯